NATIONAL HEALTH MISSION
राष्ट्रीय स्वास्थ्य मिशन

tci THE CHALLENGE INITIATIVE
HEALTHY CITIES INDIA

ମହିଳା ଆରୋଗ୍ୟ ସମିତିର ସଶକ୍ତୀକରଣ



# ସହରାଞ୍ଚଳ ଗରିବଙ୍କ ପାଖରେ ପରିବାର ନିୟୋଜନ ସେବା ପହଞ୍ଚାଇବାକୁ ସୁଗମ କରିବା ପାଇଁ ମହିଳା ଆରୋଗ୍ୟ ସମିତିର ସଶକ୍ତୀକରଣ

## ଲକ୍ଷ୍ୟ

ଗୋଷ୍ଠୀର ସ୍ୱାସ୍ଥ୍ୟ ଏବଂ ପରିବାର ନିୟୋଜନ ଆବଶ୍ୟକତା ପୂରଣ କରିବା ପାଇଁ ମହିଳା ଆରୋଗ୍ୟ ସମିତି ଗଠନ, ସେମାନଙ୍କର ଦକ୍ଷତା ବୃଦ୍ଧି ଏବଂ ସେମାନଙ୍କୁ ଏକ ସ୍ୱୟଂ ଶାସିତ ଅନୁଷ୍ଠାନ ରୂପେ ଗଢି ତୋଳିବାର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଏହି ମାର୍ଗଦର୍ଶିକା ତିଆରି କରାଯାଇଛି ।

## କାହା ପାଇଁ ଉଦ୍ଦିଷ୍ଟ

- ମୁଖ୍ୟ ମେଡିକାଲ ଏବଂ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ/ ସିଏମ୍‌ଏଚ୍‌ଓ/ ସିଏମ୍‌ଓ)
- ନୋଡାଲ ଅଧିକାରୀ - ସହରାଞ୍ଚଳ ସ୍ୱାସ୍ଥ୍ୟ
- ନୋଡାଲ ଅଧିକାରୀ - ପରିବାର ନିୟୋଜନ
- ଜିଲା ପ୍ରକଳ୍ପ ପରିଚାଳକ
- ସହରାଞ୍ଚଳ ସ୍ୱାସ୍ଥ୍ୟ ସଂଯୋଜକ
- ଗୋଷ୍ଠୀ ପ୍ରକ୍ରିୟା ପରିଚାଳକ
- ସହରାଞ୍ଚଳ ପିଏଚସିର ଭାରପ୍ରାପ୍ତ ଚିକିତ୍ସାଧିକାରୀ
- ସହରାଞ୍ଚଳ ଆଶା ଫାସିଲିଟେଟର/ ଏ.ଏନ୍.ଏମ୍.
- ବେସରକାରୀ ସଂଗଠନ
- ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସହଯୋଗୀ

JOHNS HOPKINS BLOOMBERG SCHOOL of PUBLIC HEALTH | Bill & Melinda Gates Institute for Population and Reproductive Health | USAID FROM THE AMERICAN PEOPLE | Maternal and Child Survival Program | psi India

## ପୃଷ୍ଠଭୂମି

ଗୋଷ୍ଠୀ ସ୍ତରରେ ସ୍ୱାସ୍ଥ୍ୟାଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମକୁ ପ୍ରସାରିତ କରିବାରେ ଏବଂ ଏକ ଗୋଷ୍ଠୀ ଭିତ୍ତିକ ପ୍ରକ୍ରିୟା ମାଧ୍ୟମରେ ଏହାର ନିରନ୍ତରତା ବଜାୟ ରଖିବାକୁ ଚେଷ୍ଟା କରିବାରେ ମହିଳାମାନଙ୍କର ଏକ ବହୁତ ବଡ ଏବଂ ଶକ୍ତିଶାଳୀ ଭୂମିକା ରହିଛି । ଏହି କାରଣରୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ନିଜର ଦୀର୍ଘକାଳୀନ ପ୍ରତିଶୃତି ରୂପେ ଗୋଷ୍ଠୀ ସଶକ୍ତୀକରଣ ଏବଂ ଗୋଷ୍ଠୀ ମାଧ୍ୟମରେ ନେତୃତ୍ୱ ବିକାଶ ନିମନ୍ତେ ଲକ୍ଷ୍ୟ ରଖିଛି । ମହିଳା ମାନଙ୍କୁ ମହିଳା ଆରୋଗ୍ୟ ସମିତି ନାମରେ ଏକଜୁଟ କରି ସେମାନଙ୍କ ପାଇଁ ଏକ ଭୂମିକା ନିର୍ଣ୍ଣୟ କରିବା ଏହି ଲକ୍ଷ୍ୟର ଅଂଶ ବିଶେଷ ।

ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଗାଇଡ୍‌ଲାଇନ୍ସ ଅନୁଯାୟୀ (ଆଶା ଏବଂ ମହିଳା ଆରୋଗ୍ୟ ସମିତିର ମାର୍ଗଦର୍ଶିକାର ପୃଷ୍ଠା ନଂ ୧୭-୨୩ ଦେଖନ୍ତୁ) ମହିଳା ଆରୋଗ୍ୟ ସମିତି ମହିଳାମାନଙ୍କର ଏକ ଦଳ ଯାହା ଗୋଷ୍ଠୀ ସଚେତନତା, ଆନ୍ତଃବ୍ୟକ୍ତିଗତ ଯୋଗାଯୋଗ, ଗୋଷ୍ଠୀ ଭିତ୍ତିକ ପର୍ଯ୍ୟବେକ୍ଷଣ ସହିତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଓ ରେଫରାଲ ମଧ୍ୟରେ ସମନ୍ୱୟ ଏବଂ ସଂଯୋଗ ରକ୍ଷା କରିବା ଦିଗରେ କାମ କରିଥାଏ । ଏହି ଦଳ, ରୋକାଯାଇପାରୁଥିବା ରୋଗ, ଭଲ ସ୍ୱାସ୍ଥ୍ୟାଭ୍ୟାସ, ଚିହ୍ନଟ କରାଯାଇଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ର ଏବଂ ଅନାବଦ୍ଧ ପାଣ୍ଠି (ଅନ୍‌ଟାଏଡ୍ ଫଣ୍ଡ) ପରିଚାଳନା ଉପରେ ଦୃଷ୍ଟି ନିବଦ୍ଧ କରିଥାଏ ।

## ଦୃଷ୍ଟାନ୍ତମୂଳକ ପ୍ରମାଣ

ବିଭିନ୍ନ ଦେଶରୁ ମିଳିଥିବା ତଥ୍ୟ ଏବଂ ପ୍ରମାଣ ଅନୁଯାୟୀ ପରିବାର ନିୟୋଜନ ଏବଂ ମହିଳା ଓ ନବଜାତ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମହିଳା ଗୋଷ୍ଠୀମାନଙ୍କୁ ନିୟୋଜିତ କରାଯାଇ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି । (Refer post A. et.al., women group practicing participatory learning and action to improve maternal and newborn health in low resource setting: a systematic review and meta-analysis, Lancet 2013, 381, page no. 1736 to 1746) । ଯଦିଓ ଭାରତରେ ମହିଳା ଗୋଷ୍ଠୀ ମାନଙ୍କର ମହିଳା ଏବଂ ନବଜାତ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସଂର୍ପକିତ ତଥ୍ୟ ନାହିଁ, ତେବେ ବିଭିନ୍ନ କ୍ଷେତ୍ରରୁ ମିଳିଥିବା ପ୍ରମାଣ ଅନୁଯାୟୀ ଏହି ମହିଳା ମାନଙ୍କର ଗୋଷ୍ଠୀ, ସହର ଏବଂ ଗ୍ରାମାଞ୍ଚଳର ବସ୍ତିଗୁଡ଼ିକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି ।

**ମହିଳା ଗୋଷ୍ଠୀ ସହିତ ଅର୍ବାନ୍ ହେଲ୍‌ଥ୍ ଇନିସିଏଟିଭ୍‌ର କାମ**

ଉତ୍ତରପ୍ରଦେଶର ୧୧ଟି ସହରରେ ୪୨୦ଟି ମହିଳା ଗୋଷ୍ଠୀ ସହିତ ଅର୍ବାନ ହେଲ୍‌ଥ୍ ଇନିସିଏଟିଭ୍ କାମ କରୁଛି । ଏଥିରେ ମହିଳା ଦଳ, ସଂଚୟ ଦଳ, ଶକ୍ତି ଦଳ, ପରିମଳ ଦଳ ଏବଂ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ମାତୃ ସମିତି ଅନ୍ୟତମ ।

- ଅର୍ବାନ୍ ହେଲ୍‌ଥ ଇନିସିଏଟିଭ୍ ଠାରୁ ପ୍ରାଥମିକ ସୂଚନା ଏବଂ ପରାମର୍ଶ ପାଇଲା ପରେ ଏହି ଦଳ ଗୁଡିକକ ନିଜ ନିଜ କାର୍ଯ୍ୟ ସୂଚୀରେ ପରିବାର ନିୟୋଜନକୁ ସାମିଲ କରିଛନ୍ତି ।
- ସେମାନଙ୍କର ଦଳ ଗଠନର ଲକ୍ଷ୍ୟ ଏବଂ କାର୍ଯ୍ୟ ପ୍ରଣାଳୀ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ପ୍ରତ୍ୟେକ ଦଳ ଶେଷରେ ଗୋଟିଏ ସମ୍ବଳ ଶ୍ରେଣୀ ଭାବେ ପରିଗଣିତ ହୋଇଥିଲେ ଏବଂ ଗୋଷ୍ଠୀ ସ୍ତରରେ ପରିବାର ନିୟୋଜନ ସୂଚନା ଏବଂ ସେବା ପହଞ୍ଚାଇବାରେ ସାହାଯ୍ୟ କରିବା ସହ ଏଥିପାଇଁ ସରକାରୀ ଯୋଜନାରୁ ମିଳୁଥିବା ସୁବିଧା ସବୁକୁ ଲୋକ ବିଶେଷ କରି ମହିଳାଙ୍କ ପାଖରେ ପହଞ୍ଚାଇବା ପାଇଁ ବଦ୍ଧପରିକର ହୋଇଥିଲେ ।
- ଏତଦ୍ ବ୍ୟତୀତ ପୁଷ୍ଟି, ଟିକାକରଣ, ନବଜାତ ଶିଶୁ ଯତ୍ନ, ଜଳ ଓ ପରିମଳ, ଭୋଟର ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ରୋଜଗାର କାର୍ଯ୍ୟକ୍ରମରେ ସାମିଲ ହୋଇ ଏଥିରେ ଥିବା ସରକାରୀ ସୁବିଧା ସୁଯୋଗ ସବୁ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ତାହା ନିଶ୍ଚିତ କରିବା ପାଇଁ କାମ କରୁଛନ୍ତି ।



"ପ୍ରଥମରୁ ଆମକୁ କାମ କରିବାକୁ ବେଶ୍ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । କାରଣ ଆମେ ୪-୫ ଜଣ ମହିଳା ଥିଲୁ । ଏବେ ଆମେ ପ୍ରାୟ ୧୬୦୦ ମହିଳା ଏକାଠି କାମ କରୁଛୁ । ତେଣୁ ଆମର ସମ୍ମିଳିତ ଉଦ୍ୟମ ଆଗରେ ସମସ୍ୟା ଗୁଡିକ ବେଶ୍ ଛୋଟ ଜଣା ପଡୁଛି । ଏକତାରେ ସତରେ ବହୁତ ବଳ ଅଛି ।"

ବିଶାଳ ସହରୀ ମହିଳା ବିକାଶ ସମିତି, ଆଗ୍ରା




# ମହିଳା ଆରୋଗ୍ୟ ସମିତିର ଗଠନ ଏବଂ ଏହାର ସଶକ୍ତୀକରଣ ପାଇଁ ମାର୍ଗଦର୍ଶିକା

**ମହିଳା ଆରୋଗ୍ୟ ସମିତିର ସଦସ୍ୟ ହୋଇ ପାରିବା ପରି ମହିଳାଙ୍କୁ ବାଛିବା**

- ମାର୍ଗଦର୍ଶିକା ଅନୁଯାୟୀ ସେହି ଘରଗୁଡ଼ିକୁ ଚିହ୍ନଟ କରନ୍ତୁ ଯାହାର ସଦସ୍ୟଙ୍କୁ ନେଇ ମହିଳା ଆରୋଗ୍ୟ ସମିତି ତିଆରି କରିବାର ଅଛି ।
- ଗୋଷ୍ଠୀ ସ୍ତରରେ ବୈଠକ କରି ଗୋଷ୍ଠୀର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଜାଣି ସାରିଲା ପରେ 'ଆଶା' ଚିହ୍ନଟ କରିଥିବା ମହିଳାମାନଙ୍କୁ ମହିଳା ଆରୋଗ୍ୟ ସମିତିର ଭୂମିକା କ'ଣ ହେବ, ତାହା ବୁଝାଇବେ ।
- ଯେଉଁ ମହିଳାମାନେ ଏହି ବୈଠକକୁ ନିୟମିତ ଆସୁଥିବେ, ସେମାନେ ମହିଳା ଆରୋଗ୍ୟ ସମିତିର ସଦସ୍ୟ ହେବାକୁ ଯୋଗ୍ୟ ବିବେଚିତ ହେବେ ।
- ବସ୍ତି ଅଞ୍ଚଳରେ ଯେଉଁଠାରେ ମହିଳାମାନଙ୍କର ଅନ୍ୟ ଦଳ ଯଥା ସ୍ୱୟଂ ସହାୟକ ଦଳ, ସଞ୍ଚୟ ଦଳ, ମାତୃ ସମିତି (ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଗଠିତ ଦଳ) ଆଦି ଅଛନ୍ତି; ସେମାନଙ୍କୁ 'ଆଶା' ଦ୍ୱାରା ପ୍ରଶିକ୍ଷଣ ଦିଆଯାଇ ମହିଳା ଆରୋଗ୍ୟ ସମିତିରେ ଯୋଗ ଦେବା କିମ୍ବା ନୂଆ ମହିଳା ଆରୋଗ୍ୟ ସମିତି ଗଠନ କରିବା ପାଇଁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ଏହି ଦଳ ସବୁ ମହିଳା ଆରୋଗ୍ୟ ସମିତି ସହିତ ଯୋଗ ଦେବା ଦରକାର ଯଦି ସେମାନେ ନିମ୍ନଲିଖିତ କାମକୁ ଠିକ୍ ରୂପେ କରିଥିବେ ।
- ଉପଯୁକ୍ତ କ ୃପକ୍ଷ ଯେପରିକି (NULM, DUDA, ICDS) ଆଦି ଠାରୁ ସେମାନେ ସ୍ୱୀକୃତି ଆଣିଥିବେ ।
- ସେମାନଙ୍କର ଦଳରେ ନୂଆ ସଦସ୍ୟ ଗ୍ରହଣ କରିବା ଏବଂ ଭିନ୍ନ ଭିନ୍ନ ସାମାଜିକ ଏବଂ ଅର୍ଥନୈତିକ ବର୍ଗରୁ ପ୍ରତିନିଧିତ୍ୱ ନେବାରେ କୌଣସି ବାଛ ବିଚାର ନଥିବ ।
- ସେମାନଙ୍କର ଏଜେଣ୍ଡାରେ ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ରୂପେ ଗ୍ରହଣୀୟ ହୋଇଥିବା ଆବଶ୍ୟକ ।

**ମହିଳା ଆରୋଗ୍ୟ ସମିତିର ସଦସ୍ୟ ଚୟନ**

- ମହିଳା ଆରୋଗ୍ୟ ସମିତିର ସଦସ୍ୟ ମାନଙ୍କର ଗୋଷ୍ଠୀର ସଦସ୍ୟ ରୂପେ ଦଳବଦ୍ଧ ଭାବେ କାମ କରିବାର ଆଗ୍ରହ ଏବଂ ପ୍ରତିବଦ୍ଧତା ଥିବା ଆବଶ୍ୟକ । ଏହା ସମିତି ପାଇଁ ସଦସ୍ୟ ଚୟନର ମୂଳ ମାନଦଣ୍ଡ ହେବା ଆବଶ୍ୟକ ।
- ଗୋଷ୍ଠୀରେ ବାସ କରୁଥିବା ଅତି ଦରିଦ୍ର ଏବଂ ଅତି ପଛୁଆ ବର୍ଗର ମହିଳା ମାନଙ୍କ ମଧ୍ୟରୁ ମହିଳା ମାନଙ୍କୁ ବାଛିବା ସହ ସେମାନଙ୍କୁ ମହିଳା ଆରୋଗ୍ୟ ସମିତିର ସଦସ୍ୟ ଭାବେ ସାମିଲ କରିବା ନିହାତି ଗୁରୁତ୍ୱପୂର୍ଣ୍ଣ କାରଣ ସେମାନଙ୍କ ପାଖରେ ସ୍ୱାସ୍ଥ୍ୟ ସୂଚନା ଏବଂ ସ୍ୱାସ୍ଥ୍ୟ ସେବା ପାଇବାର ସମ୍ଭାବନା ବହୁତ କମ୍ ଥାଏ ।

**ମହିଳା ଆରୋଗ୍ୟ ସମିତିର ସଦସ୍ୟ ମାନଙ୍କର ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ଉପରେ ଦକ୍ଷତା ବୃଦ୍ଧି**

- ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ବଜେଟ୍‌କୁ ଖର୍ଚ୍ଚ କରି ମହିଳା ଆରୋଗ୍ୟ ସମିତିର ସଦସ୍ୟମାନଙ୍କ ପାଇଁ ପରିବାର ନିୟୋଜନ ଏବଂ ମାତୃ ଓ ନବଜାତ ଶିଶୁ ସେବା ଉପରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା।
- ସେମାନଙ୍କୁ ଉପଯୁକ୍ତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଉପକରଣ ସହିତ କାର୍ଯ୍ୟକ୍ରମରେ ଲାଗୁଥିବା ଅନ୍ୟ ଶିକ୍ଷଣୀୟ ଉପକରଣ (ଜବ୍ ଏଡ୍) ଯେମିତିକି ବାରମ୍ବାର ପଚାରାଯାଉଥିବା ପ୍ରଶ୍ନର ଉତ୍ତର ଯୋଗାଇ ଦେବା ଆବଶ୍ୟକ। (Refer to the FAQs, IEC materials and job aids http://www.iecrmncha.in/node/102)
- ମିଳିତ ଭାବେ ଗୃହ ପରିଦର୍ଶନ କରି ଏବଂ ମହିଳା ଆରୋଗ୍ୟ ସମିତିର ସଦସ୍ୟମାନଙ୍କର ପରିବାର ନିୟୋଜନ ନିମନ୍ତେ ଦକ୍ଷତା ବୃଦ୍ଧି ଜାରି ରଖିବା। ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା ଜାରି ରଖିବା, ସବୁଠାରୁ ବଞ୍ଚିତ ଗୋଷ୍ଠୀମାନଙ୍କୁ ମହିଳା ଆରୋଗ୍ୟ ସମିତିରେ ସାମିଲ କରିବା, ସମ୍ବଳର ଠିକ୍ ବିନିଯୋଗ ଏବଂ ଜନ ଅଧିକାର ପାଇଁ ଆଲୋଚନା ଜାରି ରଖିବା ଆଦି।
- ମହିଳା ଆରୋଗ୍ୟ ସମିତି ସଦସ୍ୟମାନଙ୍କୁ ନିଜ ନିଜର ସମସ୍ୟା ଜଣାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ସମିତିରେ ସୁଯୋଗ ଦେବା ସହିତ ମହିଳା ଆରୋଗ୍ୟ ସମିତି ସଦସ୍ୟମାନଙ୍କୁ ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସି ଏବଂ ଆଇ.ସି.ଡି.ଏସ୍. ପ୍ରକଳ୍ପ ଅଧିକାରୀଙ୍କ ସହ ସଂଯୋଗ କରାଇବା।

ବିଶ୍ୱ ଜନସଂଖ୍ୟା ଦିବସ ଏବଂ ସ୍ତନ୍ୟପାନ ସପ୍ତାହ ପାଳନ ସମୟରେ ମହିଳା ଆରୋଗ୍ୟ ସମିତିର ସଦସ୍ୟମାନଙ୍କୁ ସାମିଲ କରାଯିବା ଆବଶ୍ୟକ। ଏହା ସେମାନଙ୍କୁ ପରିଚୟ ଦେବା ସହ ସେମାନଙ୍କ କାମକୁ ଲୋକଲୋଚନକୁ ଆଣିପାରିବ। ଏହା ହୋଇ ପାରିଲେ ମହିଳା ଆରୋଗ୍ୟ ସମିତିର ପରିଚୟ ସୃଷ୍ଟି ହୋଇ ପାରିବ।





**ମହିଳା ଆରୋଗ୍ୟ ସମିତି ଦ୍ୱାରା ହାତକୁ ନିଆଯାଇଥିବା ମୁଖ୍ୟ କାମକୁ ସହାୟତା ପ୍ରଦାନ କରିବା**

- ବସ୍ତିରେ ଥିବା ଘର ସବୁର ମାନଚିତ୍ର ତିଆରି କରିବା ସହ ଏହାର ଏକ ତାଲିକା ପ୍ରସ୍ତୁତ କରିବା। ଏହି ବସ୍ତିରେ ଥିବା ସମ୍ବଳସବୁକୁ ମାନଚିତ୍ର ମାଧ୍ୟମରେ ଦର୍ଶାଇବା
- ଜଳ ପରିମଳ, ପୁଷ୍ଟି ଏବଂ ଶିକ୍ଷା ପରି ଅତ୍ୟାବଶ୍ୟକୀୟ ସେବାସବୁର ପର୍ଯ୍ୟବେକ୍ଷଣ କରିବା ସହ ଏହାକୁ ଯେପରି ସମସ୍ତେ ସୁବିଧାରେ ପାଇ ପାରିବେ ତାହା ନିଶ୍ଚିତ କରିବା।
- ଆଶା, ଅଙ୍ଗନୱାଡି କର୍ମୀ, ଏ.ଏନ୍.ଏମ୍. ଆଦିଙ୍କୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସେବା ଯୋଗାଇଦେବା; ମହିଳା ଓ ଶିଶୁ ମାନଙ୍କୁ ସ୍ୱତନ୍ତ୍ର ଟିକାଦାନ ଶିବିରକୁ ଆଣିବାରେ ସହାୟତା କରିବା।
- ସ୍ୱାସ୍ଥ୍ୟ ସେବା ଏବଂ ପରିବାର ନିୟୋଜନ ପାଇଁ ଚାହିଦା ବୃଦ୍ଧି କରିବାରେ ସହାୟତା କରିବା।
- ଆବଶ୍ୟକ ସ୍ଥଳେ ପରିବାର ସଦସ୍ୟମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଲା ବେଳେ 'ଆଶା'ଙ୍କୁ ସାହାଯ୍ୟ କରିବା।
- ଗୋଷ୍ଠୀ ଯେପରି ସବୁ ସ୍ୱାସ୍ଥ୍ୟ ସୁବିଧା ଏବଂ ଅଧିକାର ପାଇ ପାରିବ, ତାହା ସୁନିଶ୍ଚିତ କରିବା।
- ସେବା ଆବଶ୍ୟକ କରୁଥିବା ମହିଳା ସହିତ ଡାକ୍ତରଖାନା ଯାଇ ସେ ଯେପରି ସ୍ୱାସ୍ଥ୍ୟ ସେବା ପାଇ ପାରିବ, ତାହା ନିଶ୍ଚିତ କରିବା।
- ଗୋଷ୍ଠୀଗତ ଉଦ୍ୟମକୁ ନେତୃତ୍ୱ ପ୍ରଦାନ କରିବା ସହ ଯେପରି ସ୍ୱୟଂ ସହାୟକ ଉଦ୍ୟମକୁ ଗୋଷ୍ଠୀ ସ୍ତରରେ ପ୍ରୋତ୍ସାହନ ପ୍ରଦାନ କରିବା।
- ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବା ବସ୍ତୁ ଏପରିକି ପରିବାର ନିୟୋଜନ ପାଇଁ ଆସୁଥିବା ସାମଗ୍ରୀ ଯଥା କଣ୍ଡୋମ, ବଟିକା ଏବଂ ଓ.ଆର୍.ଏସ୍. ଇତ୍ୟାଦିକୁ ନିଜ ଘରେ ମହଜୁଦ କରି ତହିଁର ରକ୍ଷଣାବେକ୍ଷଣ କରିପାରିବେ।
- ପାଖରେ ଥିବା ଅନାବନ୍ଧ ପାଣ୍ଠି ବା ଅନଟାଏଡ୍ ଫଣ୍ଡ୍ ବ୍ୟବହାର କରି ଗୋଷ୍ଠୀର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବା।
- ବିଭିନ୍ନ ସ୍ୱାସ୍ଥ୍ୟ ଅଭିଯାନ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଦିରେ ସାମିଲ ହେବା।

# ମହିଳା ଆରୋଗ୍ୟ ସମିତି ସଶକ୍ତୀକରଣରେ ନିମ୍ନଲିଖିତ ବ୍ୟକ୍ତିଙ୍କର ଭୂମିକା

### ସିଏମ୍ଏଚ୍‌ଓ/ ସିଡିଏମ୍‌ଓ / ସିଏମ୍‌ଓ

- ମହିଳା ଆରୋଗ୍ୟ ସମିତି ଗଠନ ପାଇଁ ଯୋଜନା ଓ ବଜେଟ୍ ପ୍ରସ୍ତୁତି ।
- ମହିଳା ଆରୋଗ୍ୟ ସମିତିର ଗଠନ ଏବଂ କାର୍ଯ୍ୟକ୍ରମର ସମୀକ୍ଷା ।
- କ୍ୟାଲେଣ୍ଡର ଅନୁଯାୟୀ ମହିଳା ଆରୋଗ୍ୟ ସମିତିର ତାଲିମ ସୁନିଶ୍ଚିତ କରିବା ।
- ମହିଳା ଆରୋଗ୍ୟ ସମିତିର ବ୍ୟାଙ୍କ୍ ଖାତା ଖୋଲିବା ଏବଂ ଅନାବଦ୍ଧ ପାଣ୍ଠି ପାଇଁ ଅର୍ଥ ପ୍ରଦାନକୁ ସୁନିଶ୍ଚିତ କରିବା ।
- ଜିଲା ସ୍ୱାସ୍ଥ୍ୟ ସମିତି / ସହରାଞ୍ଚଳ ସ୍ୱାସ୍ଥ୍ୟ ସେବା ସମନ୍ୱୟ ବୈଠକକୁ ପରିଚାଳନା କରିବା ।

### ନୋଡାଲ ଅଫିସର- ସହରାଞ୍ଚଳ ସ୍ୱାସ୍ଥ୍ୟ

- ମହିଳା ଆରୋଗ୍ୟ ସମିତିକୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକରଣ ଏବଂ ପରିବାର ନିଯୋଜନ ପାଇଁ ଆବଶ୍ୟକୀୟ ସାମଗ୍ରୀଗୁଡ଼ିକର ଯୋଗାଣ ।
- ସିଏମ୍ଏଚ୍‌ଓ/ ସିଡିଏମ୍‌ଓ / ସିଏମ୍‌ଓ ଅଫିସରୁ ଆସୁଥିବା ସବୁ ନିର୍ଦ୍ଦେଶାବଳୀର ପାଳନ ।
- ମହିଳା ଆରୋଗ୍ୟ ସମିତିର ସଦସ୍ୟମାନଙ୍କୁ ସରକାରଙ୍କର ବିଭିନ୍ନ ଆୟ ପ୍ରଦାନକାରୀ ଯୋଜନାଗୁଡିକ ସହ ସଂଯୋଗୀକରଣ (ଯଥା, ଏନ୍‌ୟୁଏଲ୍ଏମ୍, ଦକ୍ଷତା ବିକାଶ, ମିଶନ ଶକ୍ତି ଏବଂ ଷ୍ଟାର୍ଟଅପ ମିଶନ ଇତ୍ୟାଦି)
- ଭଲ ପ୍ରଦର୍ଶନ କରୁଥିବା ମହିଳା ଆରୋଗ୍ୟ ସମିତି ଚିହ୍ନଟୀକରଣ ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ ।

### ଜିଲା କାର୍ଯ୍ୟକ୍ରମ ପରିଚାଳକ, ସହରାଞ୍ଚଳ ସ୍ୱାସ୍ଥ୍ୟ ସଂଯୋଜକ ଏବଂ ଗୋଷ୍ଠୀ ପ୍ରକ୍ରିୟା ପରିଚାଳକ

- ମହିଳା ଆରୋଗ୍ୟ ସମିତିର ସମସ୍ତ କାର୍ଯ୍ୟକ୍ରମକୁ ସହରାଞ୍ଚଳ ସ୍ୱାସ୍ଥ୍ୟ ନୋଡାଲ ଅଫିସରଙ୍କ ସହିତ ସଂଯୋଜନା କରି ସଂପାଦନ କରିବା ।
- ଭଲ ପ୍ରଦର୍ଶନ କରୁଥିବା ମହିଳା ଆରୋଗ୍ୟ ସମିତିକୁ ଚିହ୍ନଟୀକରଣ ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ ।

### ଭାରପ୍ରାପ୍ତ ମେଡିକାଲ ଅଫିସର- ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

- ଏହା ନିଶ୍ଚିତ କରନ୍ତୁ ଯେ ଆଶାମାନେ ମହିଳା ଆରୋଗ୍ୟ ସମିତି ଗଠନ ଏବଂ ସଶକ୍ତୀକରଣ କରିବା ପାଇଁ ନିମ୍ନଲିଖିତ କାର୍ଯ୍ୟମାନ କରୁଛନ୍ତି ।
- ଗୋଷ୍ଠୀର ମହିଳାମାନଙ୍କୁ ମହିଳା ଆରୋଗ୍ୟ ସମିତି ବିଷୟରେ ବୁଝାଉଛନ୍ତି ।
- ପଛୁଆ ବର୍ଗର ମହିଳାମାନଙ୍କର ମହିଳା ଆରୋଗ୍ୟ ସମିତିରେ ଉପଯୁକ୍ତ ପ୍ରତିନିଧିତ୍ୱ ରହୁଛି ।
- ତାଲିମ ୟୁଏଚ୍ଏନ୍‌ଡି ଏବଂ ଆଉଟରିଚ୍ କ୍ୟାମ୍ପ୍ ଗୁଡ଼ିକରେ ମହିଳା ଆରୋଗ୍ୟ ସମିତିର ସଦସ୍ୟମାନେ ଯେପରି ଭାଗ ନେଇ ପାରିବେ ତାହା ସୁନିଶ୍ଚିତ କରିବା ।
- ବିଭିନ୍ନ ସ୍ୱାସ୍ଥ୍ୟ ନିମନ୍ତେ ବ୍ୟବହାର୍ଯ୍ୟ ପଦାର୍ଥ ଏବଂ ଶିକ୍ଷା, ସୂଚନା ଓ ଯୋଗାଯୋଗ ସାମଗ୍ରୀ ଯେପରି ମହିଳା ଆରୋଗ୍ୟ ସମିତି ମାନେ ବ୍ୟବହାର କରିପାରିବେ, ତାହାକୁ ଉତ୍ସାହିତ କରିପାରିବେ ।

### ଆଶା ଫାସିଲିଟେଟର/ଏ.ଏନ୍.ଏମ୍. (ମହିଳା ସ୍ୱାସ୍ଥ୍ୟକର୍ମୀ)

- ମହିଳା ଆରୋଗ୍ୟ ସମିତି ବୈଠକକୁ ଯେପରି 'ଆଶା' ପରିଚାଳନା କରିପାରିବେ ତାହା 'ଆଶା'ଙ୍କୁ ଶିଖାନ୍ତୁ ।
- 'ଆଶା'ଙ୍କ ଅଞ୍ଚଳରେ ମହିଳା ଆରୋଗ୍ୟ ସମିତିର କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା କରିବା ।
- ମହିଳା ଆରୋଗ୍ୟ ସମିତି ବିଷୟରେ ରିପୋର୍ଟ ପ୍ରସ୍ତୁତ କରି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରିବା ।

# ପରିବାର ନିୟୋଜନରେ ମହିଳା ଆରୋଗ୍ୟ ସମିତିର କାର୍ଯ୍ୟକ୍ରମର ତଦାରଖ

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନର ମାର୍ଗଦର୍ଶିକା ଅନୁଯାୟୀ ନିମ୍ନଲିଖିତ ସୂଚକାଙ୍କ ଆଧାରରେ ମହିଳା ଆରୋଗ୍ୟ ସମିତି ବିଷୟରେ ତଥ୍ୟ ଆଶା କିମ୍ବା ଆଶା ସୁଗମକାରୀମାନେ ସିଏମ୍ଏଚ୍ଓ/ ସିଡିଏମ୍ଓ/ କିମ୍ବା ସିଏମ୍ଓ ପାଖକୁ ରିପୋର୍ଟ କରିବା ଆବଶ୍ୟକ

- କେତେଟି ମହିଳା ଆରୋଗ୍ୟ ସମିତି ଗଠନ ହେଲା ?
- ପରିବାର ନିୟୋଜନ ସମ୍ବନ୍ଧରେ କେତେଟି ମହିଳା ଆରୋଗ୍ୟ ସମିତି ତାଲିମ ନେଲେ ? (ଉଭୟ ସଂଖ୍ୟାରେ ଏବଂ ପ୍ରତିଶତରେ)
- କେତେଟି ମହିଳା ଆରୋଗ୍ୟ ସମିତି ଅନାବଦ୍ଧ ପାଣ୍ଠି (ଅନଟାଏଡ୍ ଫଣ୍ଡ) ପାଇଛନ୍ତି ?
- ମୋଟ ଚାଲିଥିବା ୟୁଏଚ୍ଏନ୍ଡି ଏବଂ ଆଉଟରିଚ୍ କ୍ୟାମ୍ପ୍ ମଧ୍ୟରୁ କେତେଟି ମହିଳା ଆରୋଗ୍ୟ ସମିତିର ସଦସ୍ୟମାନେ ପରିଚାଳନା କରିଛନ୍ତି ?
- ମହିଳା ଆରୋଗ୍ୟ ସମିତିଠାରେ ଥିବା ନମୁନା ଏଜେଣ୍ଡା ଏବଂ ମିଟିଂର ତଥ୍ୟାବଳୀ ମଧ୍ୟରୁ କେତେଟିର ଗୁଣାତ୍ମକ ବିଶ୍ଲେଷଣ କରାଯାଇ ଉପରୋକ୍ତ ଉ  ରର ନିର୍ଦ୍ଦିଷ୍ଟତା ପରଖା ଯିବା ଦରକାର

## ବ୍ୟୟ ବରାଦ

ମହିଳା ଆରୋଗ୍ୟ ସମିତି ଗଠନ ଏବଂ ଏହାକୁ ସକ୍ରିୟ କରାଇବା ପାଇଁ ନିମ୍ନଲିଖିତ ବ୍ୟୟ ବରାଦ ଅଛି

- ମହିଳା ଆରୋଗ୍ୟ ସମିତି ସଦସ୍ୟ ମାନଙ୍କ ନିମନ୍ତେ କେବଳ ଥରଟିଏ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ପାଇଁ ୩୦୦୦ ଟଙ୍କା ଖର୍ଚ୍ଚ କରିବାକୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ବଜେଟ୍ କାର୍ଯ୍ୟକ୍ରମ ସମ୍ପାଦନ ଯୋଜନା ବା ପି.ଆଇ.ପି. ୨୦୧୭ରେ ବ୍ୟବସ୍ଥା ଅଛି
- ପ୍ରତ୍ୟେକ ମହିଳା ଆରୋଗ୍ୟ ସମିତି ପାଇଁ ୫୦୦୦ ଟଙ୍କାର ଅନାବଦ୍ଧ ପାଣ୍ଠି ଅଥବା ଅନ୍‌ଟାଏଡ୍ ଫଣ୍ଡର ବ୍ୟବସ୍ଥା ଅଛି । କେତେଜଣ ସଦସ୍ୟଙ୍କ ଉପସ୍ଥିତିରେ ଏ ନେଇ ନିଷ୍ପତ୍ତି ନିଆଯାଇ ପାରିବ ଏବଂ ଅନାବଦ୍ଧ ପାଣ୍ଠି ଖର୍ଚ୍ଚ କରିବାର ବ୍ୟବସ୍ଥା କ'ଣ ତାହା ଜାଣିବା ପାଇଁ ସହରାଞ୍ଚଳ କ୍ଷେତ୍ରରେ 'ଆଶା' ଏବଂ ମହିଳା ଆରୋଗ୍ୟ ସମିତି ନିମନ୍ତେ ୨୦୧୪ ମସିହାରେ ପ୍ରସ୍ତୁତ ମାର୍ଗଦର୍ଶିକାର ପୃଷ୍ଠା ୨୧ ଦେଖନ୍ତୁ ।

| ବ୍ୟୟ ବରାଦ | ଏଫଏମ୍ଆର କୋଡ୍ | ସ୍ରୋତ |
|---|---|---|
| ସଦସ୍ୟମାନଙ୍କ ନିମନ୍ତେ ତାଲିମ | ୟୁ.୩.୨.୧.୧ | ଏନ୍.ଏଚ୍.ଏମ୍. ପି.ଆଇ.ପି. ୨୦୧୮-୧୯ |
| ଅନାବଦ୍ଧ ପାଣ୍ଠି | ୟୁ.୪.୧.୪ | ଏନ୍.ଏଚ୍.ଏମ୍. ପି.ଆଇ.ପି. ୨୦୧୮-୧୯ |
| ଗୋଷ୍ଠୀ ପ୍ରକ୍ରିୟାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ ଓ ସୁଦୃଢ଼ କରିବା ନିମନ୍ତେ କାର୍ଯ୍ୟରତ ସଂସ୍ଥାମାନଙ୍କୁ ସହାୟତା | ୟୁ.୩.୨.୧.୨ | ଏନ୍.ଏଚ୍.ଏମ୍. ପି.ଆଇ.ପି. ୨୦୧୮-୧୯ |

ଉପରେ ଦିଆଯାଇଥିବା ଟେବୁଲଟି କେବଳ ଦର୍ଶାଇବା ନିମନ୍ତେ ଉଦ୍ଦିଷ୍ଟ । ଏଥିରେ ବାର୍ଷିକ ସରକାରୀ କାର୍ଯ୍ୟକ୍ରମ ସଂପାଦନ ଯୋଜନା ପାଇଁ କିପରି ବ୍ୟୟ ବରାଦ କରାଯାଇଥାଏ, ତାହା ଲୋକଙ୍କୁ ଦର୍ଶାଇବା ପାଇଁ ବ୍ୟବସ୍ଥା କରାଯାଇଛି । ଉଦାହରଣ ସ୍ୱରୂପ ମହିଳା ଆରୋଗ୍ୟ ସମିତିର ଗଠନ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ଆଉ ଏହି ବ୍ୟୟବରାଦ କେଉଁଠାରୁ ଆସିବ, ତାହା ଜଣେ ବ୍ୟକ୍ତି ଏହି ସାରଣୀକୁ ଦେଖି ସହଜରେ ଜାଣି ପାରିବେ ।

## ନିରନ୍ତରତା

ମହିଳା ଆରୋଗ୍ୟ ସମିତିର ନିରନ୍ତରତା ବଜାୟ ରଖିବା ଏକ ଦୀର୍ଘକାଳୀନ ପ୍ରକ୍ରିୟା । ଯାହା ପାଇଁ ତାଲିମ କାର୍ଯ୍ୟକ୍ରମ ଏବଂ 'ଆଶା' ଓ ଅନ୍ୟ କର୍ମଚାରୀମାନଙ୍କ ଦ୍ୱାରା ସହାୟତାପୂର୍ଣ୍ଣ ପରିଦର୍ଶନ ନିହାତି ଆବଶ୍ୟକ । ବିଭିନ୍ନ ପ୍ରକାରର ଆୟ ଯୋଗାଡ଼କାରୀ କାର୍ଯ୍ୟକ୍ରମ ସହ ଏହାକୁ ଯୋଡ଼ିକରି ରଖିବା ଏବଂ ବାର୍ଷିକ କାର୍ଯ୍ୟକ୍ରମ ଯୋଜନାରେ ଏଥିପାଇଁ ବ୍ୟୟବରାଦ କରିବା ଆବଶ୍ୟକ । ଏଥିସହିତ ଭଲ ପ୍ରଦର୍ଶନ କରୁଥିବା "ମହିଳା ଆରୋଗ୍ୟ ସମିତି"କୁ ପ୍ରୋତ୍ସାହନ ଏବଂ ସ୍ୱୀକୃତି ପ୍ରଦାନ କଲେ, ଏହା ସେମାନଙ୍କ କାର୍ଯ୍ୟକ୍ରମକୁ  ଆଗକୁ ନେବାରେ ସହାୟକ ହେବ ।



## ଉପଲବ୍ଧ ସମ୍ବଳ

- ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଦ୍ୱାରା ପ୍ରସ୍ତୁତ ସହର ପରିପ୍ରେକ୍ଷୀରେ 'ଆଶା' ଏବଂ ମହିଳା ଆରୋଗ୍ୟ ସମିତି ନିମନ୍ତେ ମାର୍ଗଦର୍ଶିକାର ପୃଷ୍ଠା ସଂଖ୍ୟା ୧୭-୨୩
- ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଦ୍ୱାରା ପ୍ରସ୍ତୁତ ସହର ପରିପ୍ରେକ୍ଷୀରେ 'ଆଶା' ଏବଂ ମହିଳା ଆରୋଗ୍ୟ ସମିତି ନିମନ୍ତେ ମାର୍ଗଦର୍ଶିକାର ପୃଷ୍ଠା ସଂଖ୍ୟା ୨୧
- ମହିଳା ଆରୋଗ୍ୟ ସମିତିର ସଦସ୍ୟମାନଙ୍କ ପାଇଁ ତାଲିମ୍- ଇଂରାଜୀ
  ମହିଳା ଆରୋଗ୍ୟ ସମିତିର ସଦସ୍ୟ ମାନଙ୍କ ପାଇଁ ତାଲିମ୍-ହିନ୍ଦୀ
- ଆରଓପି ୨୦୧୬-୧୭ ଏନ୍ଏଚ୍ଏମ୍- ଉତ୍ତରପ୍ରଦେଶ
- ଗର୍ଭନିରୋଧକ ପ୍ରଦର୍ଶନ କିଟ୍
- 
- ଗର୍ଭ ପରୀକ୍ଷଣ ଯାଞ୍ଚତାଲିକା
- ଟିଜି ସେଗମେଣ୍ଟେସନ୍ ମାଟ୍ରିକ୍ସ
- ପଦ୍ଧତି ବିଷୟାଙ୍କ ତାଲିମ ପାଇଁ ପାୱାରପଏଣ୍ଟ୍
- ପଦ୍ଧତି ବିଷୟାଙ୍କ ତାଲିମ ପାଇଁ ପରାମର୍ଶ କାର୍ଡ
- ବାରମ୍ବାର ପଚାରାଯାଉଥିବା ପ୍ରଶ୍ନ ଏବଂ ଏହାର ଉତ୍ତର
- ଏଫ୍.ଏ.କ୍ୟୁ., ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକରଣ ଏବଂ ଜବ୍ ଏଡ୍ http://www.iecrmn-cha.in/node/102
- *Women group practicing participatory learning and action to improve maternal and newborn health in low resource setting: a systematic review and meta-analysis, Lancet 2013, 381, page no. 1736 to 1746)*

**ସ୍ୱୀକାରୋକ୍ତି:-**

ଏହି ଲେଖାଟି ଅର୍ବାନ ହେଲ୍ଥ ଇନିସିଏଟିଭ୍ସ( ବିଏମ୍ଜିଏଫ୍ ଦ୍ୱାରା ସହାୟତାପ୍ରାପ୍ତ), ହେଲ୍ଥ ଅଫ୍ ଦ ଅର୍ବାନ୍ ପୁଅର( ୟୁଏସଏଆଡି ଦ୍ୱାରା ସହାୟତାପ୍ରାପ୍ତ) ଏବଂ ଏକ୍ସପାଣ୍ଡେଡ୍ ଆକ୍ସେସ୍ ଏଣ୍ଡ୍ କ୍ୱାଲିଟି ଟୁ ବ୍ରଡେନ୍ ମେଥଡ୍ ଚଏସ୍ ଇନ୍ ଉତ୍ତରପ୍ରଦେଶ (ବିଏମ୍ଜିଏଫ୍ ଦ୍ୱାରା ସହାୟତାପ୍ରାପ୍ତ) ଦ୍ୱାରା ସଂଗୃହୀତ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଏବଂ ଅଭିଜ୍ଞତା ସବୁକୁ ଏକାଠି କରି ପ୍ରସ୍ତୁତ କରାଯାଇଛି । ଏହି ଲେଖାଟି କେବଳ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ମାର୍ଗଦର୍ଶନ ହେବ ଏବଂ ଏହି ଲେଖାଟି ପୂର୍ବ ନିର୍ଦ୍ଧାରିତ ପ୍ରଥା ଦ୍ୱାରା ପ୍ରଭାବିତ ନୁହେଁ। ବରଂ ଏହି ନିର୍ଦ୍ଦିଷ୍ଟ ବିଷୟଟିକୁ କେବଳ ଉପରୋକ୍ତ ପ୍ରକଳ୍ପରେ କିପରି କାମରେ ଲଗାଯାଇ ଅନ୍ୟ ସ୍ଥାନରେ ସମ୍ଭାବ୍ୟ ରୂପେ ଗ୍ରହଣୀୟ କରାଯିବାର ଚେଷ୍ଟା କରାଯାଇଛି, ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ।

THE CHALLENGE INITIATIVE
HEALTHY CITIES INDIA

For further details, please contact:
POPULATION SERVICES INTERNATIONAL
C-445, Chittaranjan Park, New Delhi, Delhi 110019